## ଏ.ଆଇ.ପି.ଏସ୍.ଏନ୍ ତରଫରୁ ବକ୍ତବ୍ୟ/ଘୋଷଣା
## ବିଜ୍ଞାନଭିତ୍ତିକ ପ୍ରକାଶନଗୁଡ଼ିକର ସାର୍ବଜନୀକ ଉପଯୋଗରେ ପ୍ରକାଶକଙ୍କ ଏକାଧିକାର ପ୍ରୟାସକୁ ବନ୍ଦ କରାଯାଉ ।

ତିନୋଟି ପ୍ରମଖ ଏକାଡେ଼ମିକ୍ ପ୍ରକାଶକ ସଂସ୍ଥା - ଏଲ୍ସିଭାଇୟର ଲିମିଟେଡ୍, ଉଇଲେ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଆମେରିକାନ୍ କ୍ୟାମିକେଲ ସୋସାଇଟି- ମିଳିତ ଭାବରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଯାଚିକା ଦାୟର କରିଛନ୍ତି ସାଇନନ୍ସ- ହବ୍ (Sci-Hub ) ଏବଂ ଲିବ୍ଗାନ୍ ( LibGen )କୁ ଭାରତରେ ବ୍ଲକ କରିବା ପାଇଁ । ହେଉଛି ପ୍ରଥମ, ଯିଏ କି ସମସ୍ତ ପ୍ରକାର ଗବେଷଣାତ୍ମକ ପ୍ରକାଶନକୁ ସର୍ବସାଧାରଣଙ୍କ ନିମନ୍ତେ ଉପଲବ୍ଧ କରିବାକୁ ସୁଯୋଗ ଦେବା ବେଳେ ଲିବ୍ଜେନ୍ ପୁସ୍ତକକୁ ମାଗଣାରେ ଉପଲବ୍ଧ କରିବାର ସୁଯୋଗ ଦେଇଛି । ଏହି ଦୁଇ ୱେବ୍ସାଇଟ୍ ଭାତରୀୟ ବୈଜ୍ଞାନିକ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କୁ ତାଙ୍କର ୱେବ୍ସାଇଟକୁ ବିଜ୍ଞାନଭିତ୍ତିକ ଗବେଷଣା ସନ୍ଦର୍ଭ ଓ ପ୍ରକାଶନକୁ ଦେଖିବା ଏବଂ ଡାଉନ୍ଲୋଡ୍ କରିବା ପାଇଁ ସୁଯୋଗ ଦେଇଛନ୍ତି, ଯେଉଁଗୁଡ଼ିକ ପାଇଁ କିଛି ଅର୍ଥ ଦେବାକୁ ପଡୁନାହିଁ ।

କାହିଁକି ଏଲ୍ସିଭାଇୟର ଲିମିଟେଡ୍, ଉଇଲେ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଆମେରିକାନ୍ କ୍ୟାମିକେଲ ସୋସାଇଟି କୋର୍ଟରେ ଏହି ଆବେଦନ କାହିଁକି କରିଛନ୍ତି ? ପତ୍ରିକା ବା ଜର୍ଣ୍ଣାଲ ପ୍ରକାଶନ ହେଉଛି, ବିଭିନ୍ନ ପ୍ରକାର ବ୍ୟବସାୟ ମଧ୍ୟରେ ଏକ ଲାଭଜନକ ବ୍ୟବସାୟ ଯେଉଥିରେ ବର୍ତ୍ତମାନ ସମୟରେ ୧୦ ବିଲିୟନ ୟୁ.ଏସ୍ ଡ଼ଲାର ଲାଭ ହେଉଛି । ଏଥିରେ ଗୁଗୁଲ୍ର ଲାଭଠାରୁ ପ୍ରାୟ ୪୦% ବା ଦୁଇଗୁଣ ଅଧିକ ଏଥିରେ ଲାଭ ହେଉଛି । ଯେଉଁ ତିନିଜଣ ପ୍ରକାଶନ ଏହି କେସ୍ ଫାଇଲ କରିଛନ୍ତି, ସେମାନେ ବିଜ୍ଞାନଭିତ୍ତିକ ପ୍ରକାଶନର ଶତକଡ଼ା ୪୦ ଭାଗ ପ୍ରକାଶ କରନ୍ତି ଏବଂ ସାରା ବିଶ୍ୱରେ ବିଜ୍ଞାନ ଓ ସାମାଜିକ ବିଜ୍ଞାନର ଶତକଡ଼ା ୫୦ ଭାଗ ପ୍ରକାଶନକୁ ସେମାନେ ନିୟନ୍ତ୍ରଣ କରିଥାନ୍ତି ।

ମାନବ ଅଧିକାର ନେଇ ସାର୍ବଜନୀନ ଘୋଷଣାନାମାରେ ଜ୍ଞାନକୁ ସମସ୍ତଙ୍କ ନିମନ୍ତେ ଉପଲବ୍ଧ ଭାବରେ ଜନସାଧାରଣଙ୍କ ମୌଳିକ ଅଧିକାର ଭାବରେ ଗ୍ରହଣ କରାଯାଇଛି । ପ୍ରକୃତରେ, ବର୍ତ୍ତମାନ ସ୍ଥିତିରେ ଏକ ନିର୍ଦ୍ଦିଷ୍ଟ ମୁନାଫାଖୋର ବ୍ୟବସାୟୀ ନିଜର ସ୍ୱାର୍ଥ ଓ ଲାଭକୁ ଦୃଷ୍ଟି ରଖି ଅଧିକ ଲାଭ କରୁଛନ୍ତି । ବୈଜ୍ଞାନକମାନେ ଯେଉଁମାନେ ସ୍ୱେଚ୍ଛାକୃତ ଭାବରେ ସେମାନେ ନିଜର ସମୟ ଦେଇ ସନ୍ଦର୍ଭଗୁଡ଼ିକର ଗୁଣାତ୍ମକ ବଜାୟ ରଖୁଛନ୍ତି, ଏଥିସହିତ ସଂପାଦନା ଦଳରେ ରହୁଛନ୍ତି ଏବଂ ଏହାକୁ ପ୍ରକାଶନ କରିବା ଦିଗରେ ପ୍ରମୁଖ ଭୂମିକା ନିଭାଇଥାଆନ୍ତି । ପ୍ରକାଶନମାନଙ୍କର କୌଣସି ଗବେଷଣାତ୍ମକ ଲେଖା ଉପରେ ସେମାନଙ୍କର କିଛି ଦାନ ନାହିଁ, ଯାହାକି ବୈଜ୍ଞାନିକ ମାନେ ସେମାନଙ୍କର ମାନସିକ ଓ ଶାରୀରିକ ଶ୍ରମ ଦେଇ ଲେଖାଗୁଡ଼ିକ ଲେଖନ୍ତି, ସମୀକ୍ଷା କରନ୍ତି, ସଂପାଦନା କରନ୍ତି, ଏବଂ ପ୍ରକାଶନ ନିମନ୍ତେ ପ୍ରସ୍ତୁତ କରନ୍ତି, ଯାହାର ଶ୍ରେୟ ସବୁ ଏହି ବୈଜ୍ଞାନିକମାନଙ୍କର । ଏପରିକି, ଯିଏ ଏହି ସବୁ ବିଷୟ ପ୍ରସ୍ତୁତ କରନ୍ତି, ସେମାନଙ୍କୁ ମଧ୍ୟ ଆବଶ୍ୟକ ବେଳେ ଦେଖିବାପାଇଁ ଅର୍ଥ ଦେବାକୁ ପଡେ଼ । ଏହା ହେଉଛି ବିଜ୍ଞାନଭିତ୍ତିକ ପ୍ରକାଶନର ବ୍ୟବସାୟ ବ୍ୟବସ୍ଥା, ଯାହାକି ବିଜ୍ଞାନ ପାଇଁ କ୍ଷତିକାରକ । ଏଥିରେ ପ୍ରକାଶକ ଯଥେଷ୍ଟ ଲାଭ ଉଠାଉଛନ୍ତି ।

କାଜାକସ୍ଥାନର ଜଣେ ଯୁବ ମହିଳା ବିଦ୍ୱାନ ଆଲେକ୍ଜେଣ୍ଡ୍ରିଆ ଏଲ୍ବାକ୍ୟାୟନ, ଅଧିକ ବିଜ୍ଞାନଭିତ୍ତିକ ସନ୍ଦର୍ଭ, ପତ୍ରିକାଗୁଡ଼ିକ ଉପଲବ୍ଧ ହେଉନଥିବାର ହୃଦୟଙ୍ଗମ କରି ବୈଜ୍ଞାନିକମାନଙ୍କ ନିମନ୍ତେ ଯେପରି ଗୁଣାତ୍ମକ ସନ୍ଦର୍ଭ , ପତ୍ରିକା ଆଦି ଉପଲବ୍ଧ ହୋଇପାରିବ, ତାହାକୁ ଦୃଷ୍ଟିରେ ରଖି ସାଇନ୍ସ-ହବ୍ ୱେବ୍ସାଇଟ ଆରମ୍ଭ କରିଥିଲେ । ଆମେରିକାରେ ଏହାଙ୍କ ବିରୋଧରେ କେସ୍ ଫାଇଲ ହୋଇଥିବାରୁ, ସେ କୌଣସି ସ୍ଥାନରେ ଆରେଷ୍ଟ ହୋଇପାରନ୍ତି ଏବଂ ତାଙ୍କୁ ଆମେରିକା କୋର୍ଟରେ ବିଚାର ପାଇଁ ନେବା ଏବଂ ଲମ୍ବା କାରାଦଣ୍ଡ ଭୋଗିପାରନ୍ତି । ଦିଲ୍ଲୀ ହାଇକୋର୍ଟରେ ଏହି କେସ୍ ଆବେଦନ କରିବା ଏହା ଏକ ବିଡ଼ମ୍ବନା ବା ଦୁର୍ଘଟଣା ନୁହେଁ, ଏହାଦ୍ୱାରା ତାଙ୍କର ଠିକଣା ଜଣାଯିବ, ଯାହାଦ୍ୱାରା କି ଆମେରିକା ଏହାଙ୍କ ଠିକଣାରେ ପହଞ୍ଚିବ ଏବଂ ତାଙ୍କର କାମକୁ ବନ୍ଦ କରିବା ପାଇଁ ପଦକ୍ଷେପ ନେବ ।

କାଲଫୋନିଆ ବିଶ୍ୱବିଦ୍ୟାଳୟ ଭଳି ଅନୁଷ୍ଠାନ ମାତ୍ରାଧିକ ଅର୍ଥ ଫି ଆକାରରେ ଏହି ପ୍ରକାଶକମାନେ ଦାବୀ କରୁଥିବା ଏବଂ ଏହାକୁ ଦେବା ପାଇଁ କଷ୍ଟକର ହେଉଥିବାରୁ ଏହି ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ସବ୍ସ୍କ୍ରିପ୍ସନ କରିବା ପାଇଁ ମନା କରିଦେଇଛନ୍ତି । ଅନେକ ଗବେଷଣା ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ଏପରିକି ଅନେକ ଆମେରିକୀୟ ଅନୁଷ୍ଠାନ ମଧ୍ୟ ସାଇନ୍ସ ହବ୍କୁ ସହାୟତାରେ ଦେଖୁଛନ୍ତି, ଯେଉଁ ୱେବ୍ସାଇଟରେ କି ୮୦ ମିଲିୟନ ସନ୍ଦର୍ଭ ବା ପେପର ଉପଲବ୍ଧ ରହିଛି ଯାହାକି ଏକ ସୁବିଧାଯୋଗ ବ୍ୟବସ୍ଥା ଏବଂ ଜଣଙ୍କୁ ସୁବିଧାରେ ଆବଶ୍ୟକ ହେଉଥିବା ସନ୍ଦର୍ଭକୁ ଡାଉନ୍ଲୋଡ୍ କରିପାରିବେ ।

୨୦୧୬ ମସିହାର ଏକ ବିଶ୍ଳେଷଣରୁ ଜଣାଯାଇଛି ଯେ, ଭାରତୀୟ ଚିନ୍ତକମାନେ ୭ ମିଲିୟନ ପେପର ସାଇନ୍ସ ହବ୍ ବ୍ୟବହାର କରି ଡାଉନ୍ଲୋଡ୍ କରିଛନ୍ତି । ସାଇନ୍ସ- ହବ୍ ଯଦି ଉପଲବ୍ଧ ନଥାନ୍ତା, ତେବେ ଭାରତୀୟ ବିଶ୍ୱବିଦ୍ୟାଳୟ କିମ୍ବା ଛାତ୍ରଛାତ୍ରୀଙ୍କୁ ଏଥିପାଇଁ ୨୦-୨୫ କୋଟି ଆମେରିକୀୟ ଡଲାର ଖର୍ଚ୍ଚ କରିବାକୁ ପଡ଼ିଥାଆନ୍ତା, ଯାହା ବିଶ୍ୱବିଦ୍ୟାଳୟ କିମ୍ବା ଛାତ୍ରଛାତ୍ରୀ ଫି ଦେବା ନିମନ୍ତେ କାଠିକରପାଠ ହୋଇଥାଆନ୍ତା ।

ମୁକ୍ତ ଉପଲବ୍ଧ ପତ୍ରିକାଗୁଡ଼ିକ ଜନସାଧାରଣଙ୍କୁ ପଢ଼ିବା ଏବଂ ଡାଉନ୍ଲୋଡ୍ କରିବା ସୁଯୋଗ ଦେଇଥାଆନ୍ତି, କିନ୍ତୁ ସୂଚୀକୁ ଯିଏ ପ୍ରସ୍ତୁତି କରନ୍ତି, - ବୈଜ୍ଞାନିକ ଏବଂ ଗବେଷକମାନେ କିମ୍ବା ସେମାନଙ୍କର ଅନୁଷ୍ଠାନ କିମ୍ବା ଦାତବ୍ୟ ଅନୁଷ୍ଠାନଗୁଡ଼ିକ- ଜର୍ଣ୍ଣାଲରେ ପ୍ରକାଶନ ପାଇଁ ଅର୍ଥ ଦେଇଥାଆନ୍ତି । ପଢ଼ିବା ଓ ଡାଉନ୍ଲୋଡ୍ କରିବା ନିମନ୍ତେ ଅନୁମତି ଦେବା ବଦଳରେ ,ଗରିବ ରାଷ୍ଟ୍ରଗୁଡ଼ିକର ସମସ୍ୟା ଏବଂ ବିଶ୍ୱବିଦ୍ୟାଳୟ, ଗବେଷଣା ସେମାନଙ୍କର ସାମର୍ଥ୍ୟକୁ ଦେଖି ପ୍ରକାଶନ ନିମନ୍ତେ ନିଷ୍ପତ୍ତି ଉପରେ ପ୍ରଭାବ ପକାଇଥାଏ । ଆଜିର ଦିନରେ ମୋଟାମୋଟି ଭାବରେ, ଗବେଷଣାର ସୂଚୀ ଜର୍ଣ୍ଣାଲ/ ପତ୍ରିକା କେବଳ ଶତକଡ଼ା ୨୦ ଭାଗ ମୁକ୍ତ ଉପଲବ୍ଧ ହୋଇଥାଏକ ।

ଏହି ତିନୋଟି ପ୍ରକାଶନ ସଂସ୍ଥା ମୁକ୍ତ ଉପଲବ୍ଧ ଉପରେ ଏହିଭଳି ଅନେକ ଦେଶର କୋର୍ଟରେ ଆବେଦନ କରିଛନ୍ତି । କିନ୍ତୁ ଭାରତ କ୍ଷେତ୍ରରେ, ଏହା କେବଳ ପ୍ରକାଶକ ବନାମ୍ ସାଇନ୍ସ ହବ୍ /ଲିବ୍‌ଜେନ୍ ମଧ୍ୟରେ କେସ୍ ନୁହେଁ । ଗୋଟିଏ ପରେ ବିରାଟ ଗୋଷ୍ଠୀ, ଛାତ୍ରଛାତ୍ରୀ, ଶିକ୍ଷକ, ଗବେଷକ ଏବଂ ବୈଜ୍ଞାନିକ, ଯେଉଁମାନେ କି ପୁସ୍ତକ ଏବଂ ପତ୍ରିକାଗୁଡ଼ିକ ସେମାନଙ୍କର ପାଇଁ ସହଜରେ ଉପଲବ୍ଧ ହେଉଛି ଏବଂ ସେମାନେ ଦେଖିପାରୁଛନ୍ତି, ଏବଂ ଯଦି କୋର୍ଟ ଏହି ତିନି ପ୍ରକାଶକଙ୍କ କଥା ଗ୍ରହଣ କରିବ, ତେବେ ଏହି ୱେବସାଇଟ୍ ଡାଇନାମିକ୍ ଲକ୍ ଭାବରେ ବନ୍ଦ କରିଦିଆଯିବ । ଏହାଦ୍ୱାରା ମୁକ୍ତ ଉପଲବ୍ଧ ହେଉଥିବା ଜର୍ଣ୍ଣାଲ/ ପେପର, ପୁସ୍ତକ ଆଦି ଆଉ ଛାତ୍ରଛାତ୍ରୀ, ଗବେଷକ, ଚିନ୍ତକଙ୍କ ନିକଟରେ ଅପହଞ୍ଚ ହୋଇଯିବ । ଏହାଦ୍ୱାରା ଭାରତର ବିଜ୍ଞାନ ଏବଂ ଶିକ୍ଷା କ୍ଷେତ୍ରରେ ଦୀର୍ଘକାଳୀନ ଭାବରେ ସୁଦୁରପ୍ରସାରୀ କୁପ୍ରଭାବ ପଡ଼ିବ ।

ଏହା ବିଶ୍ୱାସ କରାଯାଉଛି ଯେ, ସାଇନ୍ସ-ହବ୍‌ର କୌଣସି ଆଇନ୍‌ଗତ କେସ୍ ନଥାଇପାରେ । ଏହା ସତ୍ୟ ନୁହେଁ । ସାଇନ୍ସ-ହବ୍ ଛାତ୍ର ଏବଂ ଗବେଷକଙ୍କୁ ଡାଉନ୍‌ଲୋଡ୍ କରିବା ନିମନ୍ତେ କୌଣସି ଦେୟ୍ ନିଆଯାଉନାହିଁ - ଏହା ଏକ ମୁକ୍ତ ସେବା । ପେପରଗୁଡ଼ିକ ଉପଲବ୍ଧ କରିବା ଦ୍ୱାରା ତାକୁ ସେଥିରୁ କିଛି ଲାଭ ମିଳେନାହିଁ । ଦ୍ୱିତୀୟତଃ, ଶିକ୍ଷା ଓ ଗବେଷଣା କ୍ଷେତ୍ରକୁ ଭାରତ କପିରାଇଟ୍ ଆଇନ ଅନୁସାରେ ମୁକ୍ତ ରଖାଯାଇଛି । ଏହା କୋର୍ଟ ନିର୍ଦ୍ଧାରଣ କରିବ ଯେ, ସାଇନ୍ସ-ହବ୍‌କୁ ଯେଉଁ ଶିକ୍ଷାବିତ୍, ଗବେଷକମାନେ ବ୍ୟବବାର କରୁଛନ୍ତି, ଏହା ଆଇନଗତ ବ୍ୟବହାର କରୁଛନ୍ତି ଏବଂ କପିରାଇଟ୍ ଆଇନ୍‌ଠାରୁ ମୁକ୍ତ ଅଟେ । ଯାହାକି ଦିଲ୍ଲୀ ବିଶ୍ୱବିଦ୍ୟାଳୟ୍ର ଫଟୋ-କପି କେସ୍‌ରେ ବିତର୍କ ହୋଇଥିଲା ଏବଂ କୋର୍ଟ ବିଚାର କରି ନିଷ୍ପତ୍ତି ନେଇଥିଲା । ଏହି ୱେବ୍‌ସାଇଟ୍‌କୁ ପ୍ରସାରଣ ବନ୍ଦ କରିବା ଅର୍ଥ ହେବ ଯେ, ଯେଉଁ ସନ୍ଦର୍ଭ ଓ ଜର୍ଣ୍ଣାଲଗୁଡ଼ିକ ଏହି ୱେବ୍‌ସାଇଟ୍ ଦ୍ୱାରା ପ୍ରକାଶିତ ହେଉଥିଲା ଓ ଅନେକଙ୍କୁ ମୁକ୍ତରେ ଉପଲବ୍ଧ ହେଉଥିଲା ତାହା ପ୍ରକାଶିତ ହେବନାହିଁ ଏବଂ ଯେଉଁଗୁଡ଼ିକ ପ୍ରକାଶିତ ହୋଇନାହିଁ, ସେଗୁଡ଼ିକ ମଧ୍ୟ ପ୍ରସାରଣ ବନ୍ଦ(ବ୍ଲକ ) ହେବ । ଶେଷରେ, ଏହି କପିରାଇଟ୍‌ଧାରୀ ମାନେ ଅନେକଗୁଡ଼ିକ ସେମାନଙ୍କର ସୂଚୀରେ ରହିଛି, ଯାହାକି ୬୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା, ଯାହାକି ଭାରତରେ କପିରାଇଟ୍ ଅନୁସାରେ ଏହା ଜଣେ ବ୍ୟବହାର କରିପାରିବ । କିନ୍ତୁ, ଆମକୁ ଏହାକୁ ଉପଲବ୍ଧ କରିବା ଓ ଦେଖିବା ପାଇଁ ଅଧିକ ମାତ୍ରାରେ ଅର୍ଥ ଦେବାକୁ ପଡୁଛି । ଦିଲ୍ଲୀ ଉଚ୍ଚନ୍ୟାୟାଳୟ୍ରେ ସାଇନ୍ସ-ହବ୍ ଓ ଲିବ୍‌ଜେନ୍‌କୁ କପି ରାଇଟ୍ ଆଧାରରେ ବନ୍ଦ କରିବା ନିମନ୍ତେ ଅର୍ଥ ଦେଶର ଚିନ୍ତକମାନଙ୍କ ବିରୋଧରେ ମଧ୍ୟ ଏହି କେସ୍ ଯାଉଛି ।

ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ୍ରେ କପି ରାଇଟ ମାମଲାରେ ସାଇନ୍ସ-ହବ୍ ଓ ଲିବ୍‌ଜେନଙ୍କୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ପାଇଁ ଦାୟର ହୋଇଥିବା ମାମଲା ଦେଶର ଚିନ୍ତକମାନଙ୍କ ବିରୋଧରେ ଯାଉଛି । ପ୍ରକାଶକ ଉଦ୍ୟୋଗଙ୍କ ଲୁଟେରାଙ୍କୁ ସଫଳତା ମିଳିବାରେ ଗବେଷଣା କ୍ଷେତ୍ରରେ ବେଶ୍ ପ୍ରଭାବିତ ହେବ । ଏହାଦ୍ୱାରା ସାଇନ୍‌ସ-ହବ ଓ ଲିବ୍‌ଜେନ୍‌ଙ୍କ ଭବିଷ୍ୟତ କଥା ନୁହେଁ, ଏହା ଦେଶର ଅନୁସନ୍ଧାନ କାର୍ଯ୍ୟରେ ଅନିଶ୍ଚିତତା ଓ ବାଧାପ୍ରାପ୍ତ ହେବ ।

ଏ.ଆଇ.ପି.ଏସ୍.ଏନ୍ ଦାବୀ କରୁଛି ଯେ, ଜ୍ଞାନକୁ ବ୍ୟବହାର ନିମନ୍ତେ ଯେଉଁ ମୁକ୍ତବ୍ୟବସ୍ଥା ରହିଛି ତାହାକୁ ଜନସାଧାରଣ ଗ୍ରହଣ କରନ୍ତୁ ଏବଂ ସ୍ୱାର୍ଥରହିତ ବା ଏକଛତ୍ରବାଦ ମଡେ଼ଲ୍ କୁ ଗ୍ରହଣ କରନ୍ତୁ ନାହିଁ ।

ଏକଛାତ୍ରବାଦ ଭାବରେ ପ୍ରକାଶନ ସଂସ୍ଥାଙ୍କ ବିରୋଧରେ ଯେଉଁମାନେ ଲଢୁଛନ୍ତି, ସେମାନଙ୍କ ବିରୋଧରେ ଆଇନ୍‌ଗତ ଯୁଦ୍ଧ କରୁଛନ୍ତି, ସାଇନ୍ସ ହବ୍ ଏବଂ ଲିବ୍‌ଜେନ୍ ସହ ଅଛନ୍ତି, ସେମାନଙ୍କୁ ଏ.ଆଇ.ପି.ଏସ୍.ଏନ୍ ସମର୍ଥନ କରୁଛି । ସାଇନ୍ସ ହବ୍ ଏବଂ ଲିବ୍‌ଜେନ୍ ଭଳି ସଂସ୍ଥା ରବିନ୍‌ହୁଡ୍ ଭାବରେ ଦେଖୁଛନ୍ତି, ଯେଉଁମାନେ ଜନସାଧାରଣଙ୍କ ନିକଟରେ ଜ୍ଞାନକୁ ଜାଣିବା ପାଇଁ ମାନବ ସମାଜ ଅଧିକାର ରହିଛି ଜ୍ଞାନକୁ ଜାଣିବା ପାଇଁ ବ୍ୟବସ୍ଥା କରିଛନ୍ତି, ଏ.ଆଇ.ପି.ଏସ୍.ଏନ୍ ଏହାକୁ ସମର୍ଥନ କରୁଛି ।

ଯୋଗାଯୋଗ / ସମ୍ପର୍କ;
ପି. ରାଜାମାନିକମ୍, ସାଧାରଣ ସଂପାଦକ, ଏ.ଆଇ.ପି.ଏସ୍.ଏନ୍
gsaipsn@gmail.com, 9442915101
twitter @ gsaipsn